ନିର୍ମାଣକୁ ବିତିଲାଣି ୨୦ବର୍ଷ

# କାମରେ ଆସୁନି ଇଡ୍‌କୋ ମାର୍କେଟ କମ୍ପ୍ଲେକ୍ସ

ଯଖପୁରା,୩୦।୪(ସମିସ):



କଳିଙ୍ଗନଗରର ଉନ୍ନତିକରଣ ଓ ଲୋକାଭିମୁଖି କାର୍ଯ୍ୟ କରିବା ପାଇଁ ସରକାରଙ୍କ ପକ୍ଷରୁ ଇଡ୍‌କୋ ଭଳି ସଂସ୍ଥାକୁ ଗୁରୁଦାୟିତ୍ୱ ଦେଇଛନ୍ତି। ମାତ୍ର ଅନେକ କ୍ଷେତ୍ରରେ ସରକାରଙ୍କ ତରଫରୁ ପାଇଥିବା ଅଧିକାରକୁ ଉପଯୋଗ କରିବାରେ ଅସମର୍ଥ ହେଉଥିବା ଦେଖିବାକୁ ମିଳୁଛି। ଲୋକାଭିମୁଖୀ କାର୍ଯ୍ୟ କରିବା ପାଇଁ ପଙ୍କପାଳ ବଙ୍ଗଳା ଛକରେ ଇଡକୋ ତାର କାର୍ଯ୍ୟାଳୟ କରି ସରକାରଙ୍କ ପକ୍ଷରୁ କଳିଙ୍ଗନଗର ଲୋକମାନଙ୍କୁ କିପରି ସୁବିଧା ସୁଯୋଗ ଯୋଗାଇ ଦେବ ସେଥିନିମନ୍ତେ ବହୁ କର୍ଯ୍ୟ ନିଜ ହାତକୁ ନେଇଛି। ସରକାର ମଧ୍ୟ ବହୁ ଅର୍ଥ ବ୍ୟୟ ବରାଦ କରି ଇଡ୍‌କୋ ମାଧ୍ୟମରେ କିପରି ସାଧାରଣ ଲୋକମାନଙ୍କ ହିତ ସାଧନ ହେବ ସେଥିପାଇଁ ଅନେକ ପ୍ରକାରର ବ୍ୟବସ୍ଥା କରିଛନ୍ତି। ମାତ୍ର ଇଡ୍‌କୋ ଏମିତି କିଛି କାର୍ଯ୍ୟ କରିଛି କି ଏବାବଦରେ ବହୁ ଅର୍ଥ ବିନିଯୋଗ ହେଉଥିଲେ ମଧ୍ୟ ତାହା ସାଧାରଣ ଲୋକଙ୍କ ହିତରେ ଲାଗୁନି। ଏମିତି ଏକ ଦୃଶ୍ୟ ଦେଖିବାକୁ ମିଳିଛି ପଙ୍କପାଳ ବଙ୍ଗଳା ଛକ ରେ। ଯାହାକି ଇଡକୋ ତାର କାର୍ଯ୍ୟଳୟ ଏହିଠାରେ ଅବସ୍ଥିତ ଥାଇ ମଧ୍ୟ କାର୍ଯ୍ୟଳୟର ନିକଟରେ ଇଡ୍‌କୋ ତତଫରୁ ଦୁଇଟି ମାର୍କେଟ କମ୍ପ୍ଲେକ୍ସ କରିଥିଲା। ଏଥିମଧ୍ୟରୁ ଠିକ ଇଡକୋ କାର୍ଯ୍ୟଳୟ ସମ୍ମୁଖରେ ହୋଇଥିବା ଏକ ୨୪ ବଖରା ବିଶିଷ୍ଟ ମାର୍କେଟ କମ୍ପ୍ଲେକ୍ସ ଯାହାକି ଜାତୀୟ ରାଜପଥ ପ୍ରଶସ୍ତିକରଣ ପାଇଁ ତାହାକୁ ଭାଙ୍ଗି ଦିଆଯାଇଥିଲା। ଅନ୍ୟ ଏକ ମାର୍କେଟ କମ୍ପ୍ଲେକ୍ସ ବଜାରର ମଧ୍ୟଭାଗରେ ଅବସ୍ଥିତ। ଏଠାରେ ମଧ୍ୟ ୨୪ ବଖରା ବିଶିଷ୍ଟ ମାର୍କେଟ କମ୍ପ୍ଲେକ୍ସ ହୋଇଥିଲେ ମଧ୍ୟ ତାହା ସାଧାରଣ ଲୋକଙ୍କ ହିତରେ ଲାଗିପାରୁନାହିଁ। ଏହି ମାର୍କେଟ କମ୍ପ୍ଲେକ୍ସ ଆଜକୁ ୨୦ବର୍ଷ ରୁ ଉର୍ଦ୍ଧ ହେବ ତିଆରି ସରିଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ଏହା କୌଣସି କାର୍ଯ୍ୟରେ ଲଗିପାରୁନାହିଁ। ଏଠାରେ କିଛି ସ୍ଥାନୀୟ ବାସିନ୍ଦା ଛୋଟବଡ ଦୋକାନ କରି ନିଜର ଗୁଜୁରାଣ ମେଣ୍ଟାଉଥିଲେ। ସେତେବେଳେ ମାର୍କେଟ କମ୍ପ୍ଲେକ୍ସ ରେ ବ୍ୟବସାୟ କରୁଥିବା ବ୍ୟବସାୟୀ ମାନେ ନିଜ ଦାୟିତ୍ୱରେ ରଖିଥିଲେ। ମାତ୍ର ଲୋକମାନଙ୍କ ହିତ ପାଇଁ ସରକାର ଙ୍କ ତରଫରୁ ଇଡକୋ ଏକ ମାଧ୍ୟମ ହୋଇଥିଲେ ମଧ୍ୟ ତାହା ସାଧାରଣ ଲୋକଙ୍କ ପାଇଁ ଅସୁବିଧା ର କାରଣ ସାଜୁଛି। କାରଣ ମାର୍କେଟ କମ୍ପ୍ଲେକ୍ସ ରେ ବ୍ୟବସାୟ କରୁଥିବା ବ୍ୟବସାୟୀଙ୍କୁ ତୁରନ୍ତ ଘର ଛାଡ଼ିବାକୁ କହି ସେଠାରେ ମଧ୍ୟ ଏକ ନୋଟିସ ଲଗାଯାଇଥିଲା। ଏକ ସପ୍ତାହ ମଧ୍ୟରେ ମାର୍କେଟ କମ୍ପ୍ଲେକ୍ସରୁ ଦୋକାନ ହଟାଇବା ପାଇଁ ଉଲ୍ଲେଖ ରହିଥିଲା। ଏହି ଡରରେ ମଧ୍ୟ ଦୋକାନ କରିଥିବା ସମସ୍ତ ଦୋକାନୀ ଘରଛାଡ଼ିବାକୁ ବାଧ୍ୟ ହୋଇଥିଲେ। ବ୍ୟବସାୟୀଙ୍କୁ ହଟାଇବାର ପ୍ରାୟ ୫ବର୍ଷ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ମାର୍କେଟ କମ୍ପ୍ଲେକ୍ସର କୌଣସି ପ୍ରକାରର ମରାମତି କରାନଯାଇ ତାହାକୁ ସେହି ଅବସ୍ଥାରେ ଛାଡି ଦିଆଯାଇଛି। ଏଠି ପ୍ରଶ୍ନ ଉଠେ ଯାହାପାଇଁ ସରକାର ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରିଛନ୍ତି ତାହା ସେମାନଙ୍କ ହିତରେ ଆସିପାରୁନାହି। ଆଉ ମଧ୍ୟ ଯେତେବେଳେ ଏହି ମାର୍କେଟ କମ୍ପ୍ଲେକ୍ସରୁ ବ୍ୟବସାୟୀଙ୍କୁ ହଟାଯାଇଥିଲା ସେତେବେଳେ ଇଡ୍‌କୋ ତତଫରୁ ବ୍ୟବସାୟୀଙ୍କର ଏକ ତାଲିକା ତିଆରି କରାଯାଇଥିଲା। କୁହାଯାଇଥିଲା କି ମାର୍କେଟ କମ୍ପ୍ଲେକ୍ସର ମରାମତି କାର୍ଯ୍ୟ ପରେ ବ୍ୟବସାୟୀଙ୍କୁ ଇଡ୍‌କୋ ତରଫରୁ ମାସିକ ଦେୟ ମାଧ୍ୟମରେ ଘର ଦିଆଯିବ। ମାତ୍ର ଆଜକୁ ପାଞ୍ଚବର୍ଷ ହେବ ଘର ମରାମତି ହୋଇପାରୁନାହିଁ କି ବ୍ୟବସାୟୀ ଘର ନେଇପାରୁନାହାନ୍ତି। ବ୍ୟବସାୟୀମାନେ ମାର୍କେଟ କମ୍ପ୍ଲେକ୍ସ ଘର ଛାଡିବା ଦିନଠାରୁ ବଜାରର ଏଣେତେଣେ ବହୁ କଷ୍ଟରେ ଅସ୍ଥାୟୀ ଦୋକାନ ଗୃହ କରି ନିଜର ଗୁଜୁରାଣ ମେଣ୍ଟାଉଛନ୍ତି। ଏଣେ ଘର ସବୁର ଦାୟିତ୍ୱ କେହି ନନେବାରୁ ଘର ଭିତରେ ଉଇ ହୁଙ୍କା ଓ ଗଛଲତା ମାଡ଼ିଗଲାଣି। ସେଠାକୁ କେହି ଯିବାପାଇଁ ମଧ୍ୟ ସାହାସ କରିବେନାହିଁ। ବଜାରର ମଧ୍ୟଭାଗରେ ଏତେ ବଡ ଯାହାକି ୨୪ବଖରା ମାର୍କେଟ କମ୍ପ୍ଲେକ୍ସ ସରକାରଙ୍କ ତରଫ ରୁ ଓ ବହୁ ଅର୍ଥ ବ୍ୟୟରେ ହୋଇଥିଲେ ମଧ୍ୟ ତାହା ସାଧାରଣ ଲୋକଙ୍କ ହିତରେ ଆସିପାରୁନାହିଁ। ଇଡକୋ ର ମନମୁଖୀ ପାଇଁ ସ୍ଥାନୀୟ ବାସିନ୍ଦା ବ୍ୟବସାୟ ମାଧ୍ୟମରେ ନିଜର ଗୁଜୁରାଣ ମେଣ୍ଟାଇବା ପାଇଁ ସରକାର ତରଫରୁ ହୋଇଥିବା ବ୍ୟବସ୍ଥା ଠିକ ଭାବେ ଲାଗିପାରୁନାହିଁ। ଇଡକୋ ର ଉଦ୍ଦେଶ୍ୟ କଣ ଜଣାପଡିନାହିଁ। ନା ଦେଉଛି ନା କିଛି କରୁଛି। ଏବେ ଦେଖିଲେ ଜଣାଯାଏ ଏହା ଏକ ମାର୍କେଟ କମ୍ପ୍ଲେକ୍ସ ନୁହେଁ। କାହିଁକି ନା ଏହାର ଚାରିପଟ ଘଞ୍ଚ ଜଙ୍ଗଲ ଏମିତି ହୋଇଛି ଯେ ଲାଗୁଛି ଯେମିତି ଏହି ଘର କେଉଁ ଜଙ୍ଗଲ ମଧ୍ୟରେ ହୋଇଛି। ଏଠି ସାଧାରଣରେ ଆଲୋଚନା ହେଉଛି କି ଯଦି ଇଡକୋ କାର୍ଯ୍ୟଳୟ ନିକଟରେ ଥିବା ମାର୍କେଟ କମ୍ପ୍ଲେକ୍ସ ର ଅବସ୍ଥା ଏପରି ତେବେ ଇଡକୋ କଳିଙ୍ଗନଗରରେ ତାର ଜନହିତକର କାର୍ଯ୍ୟ କଣ କରୁଥିବ ଏଥିରୁ ସ୍ପଷ୍ଟ ବାରିହୋଇପଡୁଛି। ଏଠାରେ ବ୍ୟବସାୟ କରୁଥିବା ସମସ୍ତ ୨୪ଜଣ ବ୍ୟବସାୟୀ ସମେତ ସ୍ଥାନୀୟ ବାସିନ୍ଦା ଅନୁରୋଧ କରିଛନ୍ତି କି ସରକାର ବହୁ ଅର୍ଥ ରେ ନିର୍ମାଣ କରିଥିବା ଏହି ମାର୍କେଟ କମ୍ପ୍ଲେକ୍ସ ର ମରାମତି କରି ତାଲିକା ହୋଇଥିବା ବ୍ୟବସାୟୀ ମାନଙ୍କୁ ତୁରନ୍ତ ଥଇଥାନ କରାଯାଉ।

## ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଅବସର



**ଯାଜପୁର ଟାଉନ,୩୦।୪(ସମିସ):** ସାନସୁଆର ପଞ୍ଚାୟତର ଚଣ୍ଡୀମାତା ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ଚତୁର୍ଥ ଶ୍ରେଣୀ କର୍ମଚାରୀ ରତ୍ନାକର ବେହେରା ଙ୍କୁ ଆଜି ଅବସରକାରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ସେ ଆଜିକୁ ୩୧ ବର୍ଷ ଧରି ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀଭାବେ କାର୍ଯ୍ୟକରିଆସୁଥିଲେ। ଆଜି ଆୟୋଜିତ ଏକ ସମ୍ବର୍ଦ୍ଧନା ସଭା ମଞ୍ଚରେ ଶ୍ରୀ ବେହେରାଙ୍କ ବିଦ୍ୟାଳୟ ପ୍ରତି ଥିବା ଅବଦାନକୁ ସମସ୍ତେ ମନେ ପକାଇଥିଲେ। ଏହି ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ବକ୍ତା ଭାବେ ସାଧନା କେନ୍ଦ୍ର କପାସି ସଂଯୋଜକ ଶ୍ରୀଯୁକ୍ତ ଭାଗିରଥି ସାହୁ, ସମ୍ମାନିତ ଅତିଥି ଭାବେ ଜାଲପୁର 'କ' ପ୍ରକଳ୍ପ ବିଦ୍ୟାଳୟର ପ୍ରଧାନଶିକ୍ଷକ କୈଳାସ ଚନ୍ଦ୍ର ବିହାରୀ, ଅବସରପ୍ରାପ୍ତ ଶିକ୍ଷକ ଗିରିଜା ପ୍ରସାଦ ମହାନ୍ତି, ଅବସରପ୍ରାପ୍ତ ପ୍ରାଧ୍ୟାପକ ଗୌରାଙ୍ଗ ବାରିକ ଆସନର ଶୋଭା ବଢ଼ାଇବା ସହ ରତ୍ନାକରଙ୍କ କର୍ତ୍ତବ୍ୟପରାୟଣ ସାଧନାକୁ ବେଶ୍ ପ୍ରଶଂସା କରିଥିଲେ। ଚଣ୍ଡୀମାତା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅରୁଣା ପତିଙ୍କ ସହ ଉକ୍ତ ପଞ୍ଚାୟତର ସମିତି ସଭ୍ୟା ଗୀତାଞ୍ଜଳି ସାହୁ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କେଶବ ଚନ୍ଦ୍ର ପଣ୍ଡା, ଗୌରାଙ୍ଗ ପାତ୍ର, ଧ୍ରୁବ ଚରଣ ସାହୁ, ସୁବାଷ ନାଥଶର୍ମା, ରମଣୀ ରଞ୍ଜନ ତ୍ରିପାଠୀ, ଗୌରାଙ୍ଗ କର, ଶୁଭାସିନୀ ଦାସ ଓ ମାଧବାନନ୍ଦ ଦାସ ପ୍ରମୁଖ ଉକ୍ତ ସଭାରେ ଉପସ୍ଥିତ ଥିଲେ। ବିଦ୍ୟାଳୟର ଶିକ୍ଷକ ରବୀନ୍ଦ୍ର ନାଥ ସଭାକାର୍ଯ୍ୟ ସମ୍ପାଦନା କରିଥିବାବେଳେ ପରିଶେଷରେ ଉକ୍ତ ବିଦ୍ୟାଳୟର ଶିକ୍ଷକ ଆଶୁତୋଷ ଦାସ ଧନ୍ୟବାଦ ଅର୍ପଣ କରିବା ପରେ ସଭା ସାଙ୍ଗ ହୋଇଥିଲା।

## ଖାଦ୍ୟ ସୁରକ୍ଷା ତାଲିମ କାର୍ଯ୍ୟକ୍ରମ



**ଯାଜପୁର,୩୦।୪(ସମିସ):** କମିଶନର ଅଫ୍ ଫୁଡ୍ ସେଫ୍ଟୀ, ଓଡ଼ିଶାଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଖାଦ୍ୟ ସୁରକ୍ଷା ବିଭାଗ ଏବଂ ଟ୍ରେନିଂ ସହଯୋଗୀ ଉତ୍ସର୍ଗ ଅନୁଷ୍ଠାନର ମିଳିତ ସହଯୋଗରେ ସ୍ଥାନୀୟ ମିଶନ ଶକ୍ତି ଭବନଠାରେ ଖାଦ୍ୟ ସୁରକ୍ଷା ଏବଂ ସ୍ୱଚ୍ଛତା ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅଙ୍ଗନୱାଡି କେନ୍ଦ୍ରରେ ଖାଦ୍ୟ ପ୍ରସ୍ତୁତି ଏବଂ ବିତରଣ କାର୍ଯ୍ୟରେ ପ୍ରତ୍ୟକ୍ଷ ଭାବେ ଜଡ଼ିତ ଥିବା ଅଙ୍ଗନୱାଡ଼ି କର୍ମୀମାନଙ୍କୁ ଏହି ତାଲିମ ଦିଆଯାଇଛି। ଏପ୍ରିଲ ୨୯ ଏବଂ ୩୦ ତାରିଖ ଦୁଇ ଦିନ ଧରି ତାଲିମ କାର୍ଯ୍ୟକ୍ରମ ଚାଲିଥିଲା। ୪ ଟି ବ୍ୟାଚରେ ପ୍ରାୟ ୪୦୦ ରୁ ଉର୍ଦ୍ଧ୍ୱ ଅଙ୍ଗନୱାଡ଼ି କର୍ମୀ ଏଥିରେ ଖାଦ୍ୟ ସୁରକ୍ଷା ସମ୍ବନ୍ଧୀୟ ତାଲିମ ଗ୍ରହଣ କରିଛନ୍ତି। ଫୁଡ୍ ସେଫ୍ଟୀ ଟ୍ରେନରଙ୍କ ଦ୍ୱାରା ଶିଶୁଙ୍କ ପାଇଁ ହେଉଥିବା ରନ୍ଧା ଖାଦ୍ୟର ସ୍ୱଚ୍ଛତା ବଜାୟ ରଖିବା, ସୁରକ୍ଷା ଦିଗ ପ୍ରତି ଧ୍ୟାନ ଦେବା ସହ ଅଘଟଣ ରୋକିବା, ଖାଦ୍ୟ ସୁରକ୍ଷା ପଛର ବିଜ୍ଞାନ, ଖାଦ୍ୟ ସଂରକ୍ଷଣ ଇତ୍ୟାଦି ବିଷୟରେ ତାଲିମ ପ୍ରଦାନ କରାଯାଇଥିଲା। ଏହାସହ ତାଲିମ ନେଇଥିବା ଅଙ୍ଗନୱାଡ଼ି କର୍ମୀଙ୍କୁ ଫୁଡ୍ ସେଫ୍ଟୀ ଟ୍ରେନିଂ ସାର୍ଟିଫିକେଟ ପ୍ରଦାନ କରାଯିବ। ଆଗକୁ ଅନଲାଇନ୍ ପଞ୍ଜୀକରଣ କରି ପ୍ରତ୍ୟେକ ଅଙ୍ଗନୱାଡ଼ି କେନ୍ଦ୍ରକୁ ଫୁଡ୍ ଲାଇସେନ୍ସ ପ୍ରଦାନ କରାଯିବା ନେଇ ମଧ୍ୟ ଯୋଜନା ରହିଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ବିଜୟ କୁମାର ମିଶ୍ର, ଖାଦ୍ୟ ସୁରକ୍ଷା ଅଧିକାରୀ ରାକେଶ କୁମାର ସାହୁ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ପାର୍ବତୀ ସାହୁଙ୍କ ସହ ବିଭାଗୀୟ ଅଧିକାରୀ ଏବଂ ଅଙ୍ଗନବାଡ଼ି କର୍ମୀମାନେ ଯୋଗ ଦେଇଥିଲେ।

## ସଙ୍କୁଳସ୍ତରୀୟ ସାମୂହିକ ପ୍ରଶିକ୍ଷଣ ଶିବିର



**ପାଣିକୋଇଲି,୩୦।୪(ସମିସ):** କୋରେଇ ବ୍ଲକ୍ ମୂଳାପାଳସ୍ଥିତ ମୂଳାପାଳ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଲିଙ୍ଗେଶ୍ୱର ବିହାରଠାରେ ଶିକ୍ଷାବର୍ଷ ୨୦୨୬-୨୭ ପାଇଁ ସଙ୍କୁଳସ୍ତରୀୟ ଶିକ୍ଷକ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ଯାଜପୁର ଜିଲ୍ଲା ସାମ୍ବାଦିକ ସଙ୍ଘର ସଭାପତି ସୁବାସ ଧଳ ଯୋଗଦେଇ ଶିଶୁର ଭବିଷ୍ୟତ ଗଠନରେ ଆଚାର୍ଯ୍ୟ/ଆଚାର୍ଯ୍ୟାଙ୍କ ଭୂମିକା ସର୍ମ୍ପକରେ ମତବ୍ୟକ୍ତ କରିଥିଲେ। ମୁଖ୍ୟ ବକ୍ତାଭାବେ ଯାଜପୁର ଜିଲ୍ଲା ପ୍ରମୁଖ ଅଶୋକ କୁମାର ସାହୁ ଭାରତ କେନ୍ଦ୍ରିକ ଶିକ୍ଷଣ ଅଧିବାସ ପ୍ରକ୍ରିୟା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥିଭାବେ ସଙ୍କୁଳ ପ୍ରମୁଖ ଅଶୋକ କୁମାର ଶତପଥି, ସଙ୍କୁଳ ସଂଯୋଜକ ତ୍ରିଲୋଚନ ପ୍ରଧାନ, ଲିଙ୍ଗେଶ୍ୱର କମିଟି ସମ୍ପାଦକ ବିଷ୍ଣୁ ଚରଣ ଧଳ, ଶିଶୁ ବିଦ୍ୟା ମନ୍ଦିର ସଭାପତି ବୃନ୍ଦାବନ ସାହୁ, ସମ୍ପାଦକ ଦିଲ୍ଲୀପ କୁମାର ଧଳ, ଯୁଗ୍ମ ସମ୍ପାଦକ ରାଜ କିଶୋର ମଲ୍ଲିକ, ଉପସଭାପତି ଶଙ୍କର୍ଷଣ ପରିଡ଼ା, କୋଷାଧ୍ୟକ୍ଷ କୈଳାସ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ। କର୍ମଶାଳାରେ ବ୍ୟାସନଗର ସଙ୍କୁଳର ମୋଟ ୫ଟି ବିଦ୍ୟାଳୟର ୧୮୦ ଜଣ ଗୁରୁଜୀ/ଗୁରୁମା, ୫ଜଣ ପ୍ରଧାନ ଆଚାର୍ଯ୍ୟ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଲିଙ୍ଗେଶ୍ୱର ଶିଶୁ ମନ୍ଦିର ଓ ଲିଙ୍ଗେଶ୍ୱର ଉନ୍ନୟନ କମିଟିର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ସହଯୋଗ କରିଥିଲେ। ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ନରେନ୍ଦ୍ର କୁମାର ତ୍ରିପାଠୀ, ସହ ପ୍ରଧାନ ଆଚାର୍ଯ୍ୟ ଜଗନ୍ନାଥ ଗୁରୁଜୀ, ସମେତ ବିଦ୍ୟାଳୟର ସମସ୍ତ ଗୁରୁଜୀ/ଗୁରୁମା ଓ ସେବିକାମାନେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

## ଦୋଗଡ଼ାରେ ନୃସିଂହ ଜନ୍ମୋତ୍ସବ

● ଠାକୁରଙ୍କୁ ଦର୍ଶନ କଲେ ସାହସ୍ରାଧିକ ଶ୍ରଦ୍ଧାଳୁ



**ଦଶରଥପୁର,୩୦।୪(ସମିସ):** ପବିତ୍ର ନୃସିଂହ ଚତୁର୍ଦ୍ଦଶୀ ଉପଲକ୍ଷେ ଦଶରଥପୁର ବ୍ଲକର ବିଭିନ୍ନ ସ୍ଥାନରେ ପ୍ରଭୁ ନୃସିଂହଙ୍କ ଜନ୍ମୋତ୍ସବ ପାଳିତ ହୋଇଯାଇଛି। ବ୍ଲକ୍ ଅଧୀନ ଖଣ୍ଡରାସ୍ଥିତ ଲକ୍ଷ୍ମୀ ନୃସିଂହ ମନ୍ଦିର ହେଉ କିମ୍ବା ଅକରପଡା ପଞ୍ଚାୟତ ଦୋଗଡା ଗ୍ରାମରେ ବିରାଜମାନ ଅଭୟ ନୃସିଂହ ପୀଠରେ ପ୍ରଭୁ ଅଭୟ ନୃସିଂହଙ୍କ ଜନ୍ମୋତ୍ସବ ବଡ଼ ଆଡମ୍ବରରେ ପାଳନ କରାଯାଇଛି।ଏହି ପରିପ୍ରେକ୍ଷୀରେ ଦୋଗଡ଼ାସ୍ଥିତ ଅଭୟ ନୃସିଂହ ମନ୍ଦିରରେ ଭୋରୁ ସାହସ୍ରାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ବିଶ୍ୱାସ ଅଛି ଆଜି ଦିନରେ ପ୍ରଭୁ ଅଭୟ ନୃସିଂହଙ୍କୁ ଦର୍ଶନ କଲେ ବହୁ ପୁଣ୍ୟର ଫଳ ପ୍ରାପ୍ତି ହୋଇଥାଏ।ପ୍ରତିଦିନ ଏହି ମନ୍ଦିରରେ ଶତାଧିକ ଭକ୍ତଙ୍କ ଭିଡ଼ ଜମୁଥିବା ବେଳେ ଆଜି ମନ୍ଦିରର ସେବାୟତ ରବିନାରାୟଣ ପାଢ଼ୀ, ଶଶିକାନ୍ତ ପଣ୍ଡା, ସୁରେନ୍ଦ୍ର ପାଢ଼ୀ, ଅବିନାଶ ପଣ୍ଡା, ଅଭିଜିତ ପାଢ଼ୀ, ଦେବେନ୍ଦ୍ର ପାଢ଼ୀ ପ୍ରଭୁଙ୍କ ସ୍ନାନ କାର୍ଯ୍ୟ ସାରି ବଡ଼ସିଂହାର ବେଶ ସାରିବା ପରେ ଅପେକ୍ଷାରତ ହଜାର ହଜାର ଶ୍ରଦ୍ଧାଳୁ ଧାଡିରେ ମନ୍ଦିରକୁ ପ୍ରବେଶ କରି ପ୍ରଭୁଙ୍କୁ ଦର୍ଶନ ଓ ପୂଜାର୍ଚ୍ଚନା କରି ସାନିଧ ଲାଭ କରିଥିଲେ।ମନ୍ଦିର କମିଟି ପକ୍ଷରୁ ଶୃଙ୍ଖଳିତ ଦର୍ଶନ ପାଇଁ ସୁବନ୍ଦୋବସ୍ତ କରାଯାଇଥିଲା। ଏହି ଉପଲକ୍ଷେ ଶ୍ରଦ୍ଧାଳୁଙ୍କ ପାଇଁ ନିଃଶୁଳ୍କ ପ୍ରସାଦ ସେବନ ସହିତ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ତରଫରୁ ପଣା, ଥଣ୍ଡା ପାନୀୟଜଳ ସେବା ପ୍ରଦାନ କରାଯାଇଥିଲା। ଏକାଧିକ ସଂକୀର୍ତ୍ତନ ମଣ୍ଡଳୀର ସଂକୀର୍ତ୍ତନ ମନ୍ଦିର ସନ୍ନିକଟ ପରିବେଶକୁ ଭକ୍ତିମୟ କରିଥିଲା। ଯାଜପୁର ଜିଲ୍ଲା ସମେତ ଭଦ୍ରକ, କଟକ, ବାଲେଶ୍ୱର, କେନ୍ଦ୍ରାପଡା ଆଦି ଜିଲ୍ଲାର ଶତାଧିକ ଶ୍ରଦ୍ଧାଳୁଙ୍କ ପ୍ରଭୁଙ୍କ ସାନିଧ ପାଇଁ ମନ୍ଦିରରେ ସମାଗମ ଦେଖିବାକୁ ମିଳିଥିବା ବେଳେ ମନ୍ଦିର ସମ୍ମୁଖ ପଡିଆରେ ବିଭିନ୍ନ ଅଞ୍ଚଳରୁ ବ୍ୟବସାୟୀମାନେ ଭୋଗ, ଧୂପ, ଦୀପ, କର୍ପୁର, ଫୁଲ ଠାରୁ ଆରମ୍ଭ କରି ହରେକ ରକମ ବ୍ୟବସାୟ ଜମାଇଥିଲେ। ମନ୍ଦିରର ସେବାୟତମାନେ ବିଳମ୍ବିତ ରାତି ଯାଏ ପ୍ରଭୁ ନୃସିଂହଙ୍କ ପୂଜାକାର୍ଯ୍ୟ ଯଥାରୀତି ସମ୍ପନ୍ନ କରିଥିଲେ। ମନ୍ଦିର କମିଟି ପକ୍ଷରୁ ପ୍ରୀତିକାନ୍ତ ଦାସ, ଶ୍ରୀକାନ୍ତ ଦାସ, ରବୀନ୍ଦ୍ର ଦାସ, ମନୋଜ ଦଳେଇ, ପ୍ରଭାତ ଦାସ, ଆଲୋକ ଦାସ, ଗୁରୁଚରଣ ରାଉତ, ପ୍ରଦୀପ ବେହୁରିଆ, ରଜନୀ ଦଳେଇଙ୍କ ସମେତ ବହୁ ସଂଖ୍ୟାରେ ଗ୍ରାମବାସୀ ଓ ଯାଜପୁର ଟାଉନ ପୁଲିସ ପକ୍ଷରୁ ଜନ୍ମୋତ୍ସବ ପାଳନରେ ସହଯୋଗ କରାଯାଇଥିଲା।

## ଅବିନାଶ ଶ୍ରମିକ କଂଗ୍ରେସର ରାଜ୍ୟ ସଭାପତି ନିଯୁକ୍ତି

**ଜେନାପୁର,୩୦।୪(ସମିସ):** ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ବୃନ୍ଦାଦେଇପୁର ପଞ୍ଚାୟତର ବଳରାମ ମହାନ୍ତିଙ୍କ ପୁତ୍ର ଯୁବ ସମାଜସେବୀ ଓ ଯୁବ ସଂଗଠକ ଅବିନାଶ ମହାନ୍ତିଙ୍କୁ ଭାରତୀୟ ଜାତୀୟ ଶ୍ରମିକ ସଂଘ କଂଗ୍ରେସ (ଫେଡେରେସନ୍) ତରଫରୁ ରାଜ୍ୟ ଯୁବ ଶ୍ରମିକ କଂଗ୍ରେସ ସଭାପତି ଭାବେ ନିଯୁକ୍ତି ପ୍ରଦାନ କରିଛନ୍ତି। ସଂଗଠନର ଉଦ୍ଦେଶ୍ୟ ଏବଂ କଲ୍ୟାଣୀକାରୀ କାର୍ଯ୍ୟାକଳାପ ପ୍ରତି ତାଙ୍କର ଉତ୍ସର୍ଗିକୃତ ନେତୃତ୍ୟ ଗୁଣବତ୍ତା ଏବଂ ପ୍ରତିବଦ୍ଧତାକୁ ବିଚାର କରି ଭାରତୀୟ ଜାତୀୟ ଶ୍ରମିକ ସଂଘ କଂଗ୍ରେସ (ଫେଡେରେସନ୍) ସଭାପତି ସ୍ୱାମୀନାଥ ଜୟସୱାଲ୍ ଗୌତମ ନଗର ନୂଆଦିଲ୍ଲୀ କାର୍ଯ୍ୟାଳୟରେ ଶ୍ରୀ ମହାନ୍ତିଙ୍କ କାର୍ଯ୍ୟ ଦକ୍ଷତା ନୀତିଆଦର୍ଶରେ ଅନୁପ୍ରାଣିତ ହୋଇ ରାଜ୍ୟ ଶ୍ରମିକ କଂଗ୍ରେସ ସଭାପତି ଭାବେ ନିଯୁକ୍ତି ପ୍ରଦାନ କରିଛନ୍ତି। ଏହି ଖବର ପ୍ରଚାର ପ୍ରସାର ପରେ ସ୍ଥାନୀୟ ଅଞ୍ଚଳରେ ବେଶ୍ ପ୍ରଶଂସା କରିବା ସହିତ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି।

## ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**କୁଆଖିଆ,୩୦।୪(ସମିସ):** ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ସୁରେଶ ଚନ୍ଦ୍ର କରଙ୍କୁ ଆଜି ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟ ପରିସରରେ ଆୟୋଜିତ ବିଦାୟ ସମ୍ବର୍ଦ୍ଧନା ସଭାରେ ଛାତ୍ର, ଶିକ୍ଷକ, ଅଭିଭାବକ ଓ ପୁରାତନ ଛାତ୍ରମାନଙ୍କ ଗହଣରେ ଏକ ଭାବବିହ୍ୱଳ ପରିବେଶ ସୃଷ୍ଟି ହୋଇଥିଲା। ପ୍ରଧାନ ଶିକ୍ଷକ ଶିକ୍ଷାଧିକାରୀ ରସୁଲପୁର, ସମ୍ମାନିତ ଅତିଥି ସୁନନ୍ଦ କୁମାର ରାଉତ ସଭାପତି ଓଷ୍ଟା ଯାଜପୁର, ପବିତ୍ର ମୋହନ



ପଣ୍ଡା, କୃଷ୍ଣଧର ପଣ୍ଡା ପ୍ରଧାନ ଶିକ୍ଷକ ମଧୁପୁର ଉଚ୍ଚ ବିଦ୍ୟାଳୟ, ପ୍ରଭାତ କୁମାର ଚନ୍ଦ, ପ୍ରମୁଖ ଯୋଗଦେଇଥିଲେ। ବାଦଲ କୁମାର ମିଶ୍ର ଅତିଥି ପରିଚୟ ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ତରଫରୁ ତାଙ୍କ ନାଁରେ ଗୋଟିଏ ପାଠାଗାର କକ୍ଷ ନାମିତ କରାଯିବ ବୋଲି ଘୋଷଣା ହୋଇଛି। ଅବସର ପରେ ବି ସୁରେଶ ସାର୍ ଗାଁ ପିଲାଙ୍କୁ ମାଗଣା ଶିକ୍ଷା ଦେବେ ବୋଲି କହିଛନ୍ତି। ପ୍ରକୃତ ଶିକ୍ଷକ କେବେ ଅବସର ନିଅନ୍ତିନି - ତାଙ୍କ କଥା ପ୍ରମାଣ କରିଦେଲେ ସୁରେଶ ସାର୍। ଅନନ୍ତ ନାରାୟଣ ମିଶ୍ର ଧନ୍ୟବାଦ ଦେଇଥିଲେ। ଏହି ସଭାରେ ପୁରାତନ ଛାତ୍ର ଛାତ୍ରୀ ଓ ପ୍ରମୋଦ ପତି ଫାଉଣ୍ଡେସନ ସମ୍ପୂର୍ଣ୍ଣ ସହଯୋଗ ସହିତ ଜଳଛତ୍ର ପ୍ରଦାନ କରିଥିଲେ।


## ସଙ୍କୁଳସ୍ତରୀୟ ଆଚାର୍ଯ୍ୟ କର୍ମଶାଳା

**ବରୁଆଁ,୩୦।୪(ସମିସ):** ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର କବୀରପୁରଠାରେ ତ୍ରିଦିବସୀୟ ସଂକୁଳସ୍ତରୀୟ ସାମୂହିକ ଆଚାର୍ଯ୍ୟ କର୍ମଶାଳା କବୀରପୁର ସଂକୁଳସ୍ଥ ଆଠଟି ବିଦ୍ୟାଳୟ କୁ ନେଇ ନୂଆ କିଛି ଶିଖିବା ଆଶାରେ ବହୁ ଉତ୍ସାହ ଉଦ୍ଦୀପନାର ସହ ଉଦ୍‌ଘାଟିତ ହୋଇଥିଲା। ଏହାର ପ୍ରଥମ ଦିବସର ସଭାରେ ବିଦ୍ୟାଳୟର ସଭାପତି ବଟକୃଷ୍ଣ ସାହୁ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟବକ୍ତା ଭାବେ ଅବସର ପ୍ରାପ୍ତ ଶିକ୍ଷକ ଶ୍ରୀଯୁକ୍ତ କାମଦେବ ଶତପଥୀ ମୁଖ୍ୟ ଅତିଥି ଭାବେ ବିଜୟ କୁମାର ସାହୁ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଅଶୋକ କୁମାର ମିଶ୍ର ନିମନ୍ତ୍ରିତ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଅନ୍ୟାନ୍ୟ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଆଚାର୍ଯ୍ୟା ଭାତୃଭଗ୍ନୀ।ପ୍ରଧାନ ଆଚାର୍ଯ୍ୟ ଅଶୋକ କୁମାର ମିଶ୍ର, ବରୀ ପ୍ରଧାନ ଆଚାର୍ଯ୍ୟ ପ୍ରକାଶ କୁମାର ମିଶ୍ର




କଳାମାଟିଆର ପ୍ରଧାନ ଆଚାର୍ଯ୍ୟ ଶରତ କୁମାର ରାଉତ, ସାନ ତ୍ରିଲୋଚନପୁରର ପ୍ରଧାନ ଆଚାର୍ଯ୍ୟ ଅଜୟ କୁମାର ସ୍ୱାଇଁ, କାଏମାର ପ୍ରଧାନ ରୀତାରାଣୀ ସ୍ୱାଇଁ, କୁଣ୍ଡପାଟଣାର ପ୍ରଧାନ ଆଚାର୍ଯ୍ୟ ଆଚାର୍ଯ୍ୟ ରାଜେନ୍ଦ୍ର ମିଶ୍ର, ବ୍ରହ୍ମବରଦାର ପ୍ରଧାନ ଆଚାର୍ଯ୍ୟ ରାଜ କୁମାର ବାରିକ, ଶୁକଳର ପ୍ରଧାନ ଆଚାର୍ଯ୍ୟା ପ୍ରତି ମଞ୍ଜରୀ ନାୟକ ଆଦି ଯୋଗ ଦେଇଥିଲେ। ଦ୍ୱିତୀୟ ଦିବସର ପ୍ରାତଃ ଅଧିବେଶନରେ ବିଦ୍ୟାଳୟ ର ଯୁଗ୍ମ ସମ୍ପାଦକ ପ୍ରଶାନ୍ତ କୁମାର ମହାରଣା, ପ୍ରଧାନ ଆଚାର୍ଯ୍ୟ ଅଶୋକ କୁମାର ମିଶ୍ର,ସହ ପ୍ରଧାନ ଆଚାର୍ଯ୍ୟ ସୁବ୍ରତ କୁମାର ମହାପାତ୍ର ଆଦି ଯୋଗଦାନ କରି ଆଚାର୍ଯ୍ୟ ଆଚାର୍ଯ୍ୟା ମାର୍ଗଦର୍ଶନ କରିଥିଲେ ସାନ୍ଧ୍ୟ ଅଧିବେଶନରେ ବିଦ୍ୟାଳୟର କୋଷାଧ୍ୟକ୍ଷ ପ୍ରଦୀପ କୁମାର ପୃଷ୍ଟି ମୁଖ୍ୟ ଅତିଥି ଭାବେ ଓ ମୁଖ୍ୟ ବକ୍ତା ଭାବେ ଅକ୍ଷୟ କୁମାର ପଣ୍ଡା ଯୋଗଦାନ କରିଥିଲେ।ଅନ୍ତିମ ଦିବସରେ ସ୍ୱପ୍ନେଶ୍ୱରପୁର କ୍ଲଷ୍ଟର ର ସିଆରସିସି ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଓ ବିଦ୍ୟାଳୟର ସଂପାଦକ ସୁବାଷ ଚନ୍ଦ୍ର ପଣ୍ଡା ଆଦି ଯୋଗ ଦେଇ କର୍ମଶାଳାର ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ। ଏହି କାର୍ଯ୍ୟକ୍ରମରେ ପାଖାପାଖି ୧୩୦ ରୁ ଉର୍ଦ୍ଧ୍ୱ ଗୁରୁଜୀ ଗୁରୁମା ଅଂଶ ଗ୍ରହଣ କରିଥିଲେ।

## ସୁନା ଦୋକାନରେ କଳାକନା ବୁଲାଇଲେ ଦୁର୍ବୃତ୍ତ



**ଧର୍ମଶାଳା,୩୦।୪(ସମିସ):** ଯାଜପୁର ଜିଲ୍ଲା ବଡ଼ଚଣା ଥାନା ଅନ୍ତର୍ଗତ ଚଣ୍ଡିଖୋଲ ଛକରେ ଥିବା ଲକ୍ଷ୍ମୀ ଜୁଏଲାରୀରୁ ଗତକାଲି ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ପଶି ସୁନା ଅଳଙ୍କାର ଲୁଟ୍ କରିଛନ୍ତି। ସୂଚନା ମୁତାବକ, ଚଣ୍ଡିଖୋଲ ଛକରେ ଥିବା ସୁନା ଦୋକାନରେ ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ପଶି ଦୋକାନ ସଟର ଭାଙ୍ଗି ଦୋକାନ ଭିତରେ ଥିବା ଲକରକୁ ଭାଙ୍ଗି ସୁନା, ଚାନ୍ଦି ଓ ନଗଦ ଟଙ୍କା ଲୁଟ୍ କରି ନେଇଛନ୍ତି। ୨୦୦ ଗ୍ରାମ ସୁନା ଅଳଙ୍କାର, ୪କେଜିରୁ ଉର୍ଦ୍ଧ୍ୱ ଚାନ୍ଦି ରୁପା ଓ ନଗଦ ୭୦ ହଜାର ଟଙ୍କା ଲୁଟ କରି ନେଇଛନ୍ତି ଦୁର୍ବୃତ୍ତ। ଏଥିସହ ଦୋକାନ ବାହାରେ ଲାଗିଥିବା ସିସିଟିଭିକୁ ଅଚଳ କରି ଦେଇଛନ୍ତି। ଏ ନେଇ ଦୋକାନ ମାଲିକ ପ୍ରଦୀପ ରଞ୍ଜନ ସାମଲ ବଡ଼ଚଣା ଥାନାରେ ଅଭିଯୋଗ କରିବା ପରେ ଘଟଣା ସ୍ଥଳରେ ବଡ଼ଚଣା ପୋଲିସ, ଯାଜପୁର ଏସଡିପିଓ ଓ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ ଚଳାଇଛି। ଚଣ୍ଡିଖୋଲ ଛକ ଭଳି ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳରେ ଏହି ଲୁଟ୍‌କୁ ନେଇ ସ୍ଥାନୀୟ ଅଞ୍ଚଳର ବ୍ୟବସାୟୀଙ୍କ ମଧ୍ୟରେ ଭୟର ବାତାବରଣ ଦେଖାଦେଇଛି।

ଶ୍ରମିକ ଦିବସ କାହାପାଇଁ ?

# ୬ ବର୍ଷ ହେଲା ଭୋକ ଉପାସରେ ମେସ୍କୋ ଶ୍ରମିକ ଓ କର୍ମଚାରୀ

ଦାନଗଦି,୩୦।୪(ସମିସ):



ଆସନ୍ତା କାଲି ହେଉଛି ବିଶ୍ୱ ଶ୍ରମିକ ଦିବସ। କଳିଙ୍ଗନଗର ଶିଳ୍ପାଞ୍ଚଳରେ ପୃଥକ ଭାବେ ୩ ଗୋଟି ଶ୍ରମିକ ସଂଗଠନ ଏହି ଦିବସ ମହା ଆଡମ୍ବର ସହକାରେ ପାଳନ କରୁଛନ୍ତି, ଡୁବୁରୀ ଠାରେ କଳିଙ୍ଗନଗର ଶ୍ରମିକ ସଙ୍ଘ ପକ୍ଷରୁ ବ୍ୟାପକ ଆୟୋଜନ କରାଯାଇଛି, କଳିଙ୍ଗନଗର ମଜଦୂର ୟୁନିଅନ ପକ୍ଷରୁ ଦାନଗଦି ରେ ମଧ୍ୟ ଏହି ଦିବସ ଖୁବ ଆଡମ୍ବର ସହକାରେ ପାଳିତ ହେବାକୁ ଯାଉଛି, ସେହିପରି ବିଜେପି ସମର୍ଥିତ ଅନ୍ୟ ଏକ ଶ୍ରମିକ ସଂଗଠନ ଦାନଗଦି ଭବନ ରେ ଏହି ଦିବସକୁ ପାଳନ କରିବାର ଅଛି। ଦୁଃଖ ଓ ପରିତାପର ବିଷୟ ଏହିକି ଯେ ଦୀର୍ଘ ୬ ବର୍ଷ ଧରି ବନ୍ଦ ହୋଇ ପଡିଥିବା ମେସ୍କୋ କାରଖାନା ରେ କାର୍ଯ୍ୟରତ ପ୍ରାୟ ୫୦୦ ଶ୍ରମିକ ଏବେ ଭୋକ ଉପାସରେ ଦିନ କାଟୁଛନ୍ତି, ସେମାନଙ୍କ ମଧ୍ୟରୁ ବହୁ ଶ୍ରମିକଙ୍କର ମୃତ୍ୟୁ ମଧ୍ୟ ଘଟିଲାଣି, ଯେଉଁ ମାନେ ବଞ୍ଚିଛନ୍ତି ସେମାନଙ୍କ ମଧ୍ୟରୁ ଅନେକ ଏବେ ରାଜ ରାସ୍ତାରେ ପରିବା ବିକ୍ରି କରୁଛିତ କିଏ ଚା ଦୋକାନ କରି ପରିବାର ଚଳାଉଛି, ସେମାନଙ୍କ ପରିବାର କଥା କେହିବି ବୁଝୁନାହାଁନ୍ତି, ବାରମ୍ବାର ପ୍ରଶାସନ କୁ ଓ କାରଖାନା ମାଲିକଙ୍କୁ ଗୁହାରି କରିମଧ୍ୟ ଫଳ ଶୂନ ହେଉଛି।

### ବାରମ୍ବାର ଆନ୍ଦୋଳନ ସତ୍ତ୍ୱେ ଶୁଣୁନାହାନ୍ତି ସରକାର

ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଶ୍ରମିକମାନଙ୍କ ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି ହେଲେ ଶ୍ରମିକମାନଙ୍କ ଅବସ୍ଥା ଯଥା ପୂର୍ବଂ ତଥା ପରଂ ଭଳି ଦେଖୁବାକୁ ମିଳୁଛି, ଠିକାସଂସ୍ଥାମାନେ ମନଇଚ୍ଛା ଶ୍ରମିକ ମାନଙ୍କୁ ଶୋଷଣ କରିଚାଲିଛନ୍ତି, ସେମାନଙ୍କ ନ୍ୟାର୍ଯ୍ୟ ଦାବି ପ୍ରଦାନ ନ କରି ମନଇଚ୍ଛା ଛଟେଇ କରୁଛନ୍ତି, ଶିଳ୍ପନଗରୀ କଳିଙ୍ଗନଗର ରେ ଶ୍ରମିକ ମାନଙ୍କର ବହୁ ସମସ୍ୟା ଥିବାବେଳେ ସେସବୁକୁ ଗୁରୁତ୍ୱ ଦେବାକୁ ଶ୍ରମିକ ମାନେ ଦାବି କରିଛନ୍ତି।

